# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 16 August – 2026

***********************************

## ମୁଖ୍ୟ ସମ୍ବାଦ

- ବନ୍ୟା ପରିସ୍ଥିତି ପରିଚାଳନା ପାଇଁ ୩ ଜିଲ୍ଲାକୁ ବରିଷ୍ଠ ଅଧିକାରୀଙ୍କୁ ପଠାଇଲେ ରାଜ୍ୟ ସରକାର

— ଲଗାଣ ବର୍ଷା ଏବଂ ଲଘୁଚାପ କ୍ଷେତ୍ର ସୃଷ୍ଟି ଯୋଗୁଁ ସତର୍କ ରହିବା ଲାଗି ସହରାଞ୍ଚଳ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ

- ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ତିରୋଧାନ ଦିବସ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ଦେଶ

- ମଧୁବାବୁ ପେନ୍‌ସନ ଯୋଜନା ଅଧୀନରେ ସୋମବାର ସୁଦ୍ଧା ସମସ୍ତ ଯାଞ୍ଚ ଶେଷ କରିବାକୁ ନିର୍ଦ୍ଦେଶ

ଏବଂ

- ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ କ୍ଷେତ୍ର ପ୍ରଭାବରେ ସମସ୍ତ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

## **ଅନୁ ଗର୍ଗ**

ଲଗାଣ ବର୍ଷା ଜନିତ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରୁଥିବା ମୁଖ୍ୟ ଶାସନ ସଚିବ **ଅନୁ ଗର୍ଗ** କହିଛନ୍ତି। ଜୁନ୍ ପହିଲାରୁ ଆଜି ସୁଦ୍ଧା ରାଜ୍ୟରେ ୯୫୩ ମିଲିମିଟର ବର୍ଷା ହୋଇଛି। ସ୍ୱାଭାବିକଠାରୁ ଏହା ୨୦ ପ୍ରତିଶତ ଅଧିକ ବୋଲି ସେ କହିଛନ୍ତି। ବନ୍ୟା ପରିସ୍ଥିତିର ମୁକାବିଲା ଲାଗି ରାଜ୍ୟ ସରକାର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରିଛନ୍ତି। ଯେଉଁମାନେ ଛୁଟିରେ ଅଛନ୍ତି, ସେମାନଙ୍କ ଛୁଟି ମଧ୍ୟ ସରକାର ବାତିଲ କରିଥିବା ଶ୍ରୀମତୀ ଗର୍ଗ କହିଛନ୍ତି।

ରାଜ୍ୟ ସରକାର ୩ ଜଣ ବରିଷ୍ଠ ଅଧିକାରୀଙ୍କୁ ୩ଟି ଜିଲ୍ଲାକୁ ପଠାଇବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ମୁଖ୍ୟ ଶାସନ ସଚିବ କହିଛନ୍ତି, ଭଦ୍ରକ, ଯାଜପୁର ଏବଂ ବାଲେଶ୍ୱରକୁ ୩ ଜଣ ବରିଷ୍ଠ ଅଧିକାରୀ ଯାଇ ଜିଲ୍ଲାପାଳମାନଙ୍କୁ ବନ୍ୟା ପରିଚାଳନା କ୍ଷେତ୍ରରେ ସହଯୋଗ କରିବେ। ଅନ୍ୟପକ୍ଷରେ ବାଲେଶ୍ୱରକୁ ଜଣେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ପଠାଇଯାଇଥିବାବେଳେ ଭଦ୍ରକ ଓ ଯାଜପୁରକୁ ବରିଷ୍ଠ ଅଧିକ୍ଷଣ ଯନ୍ତ୍ରୀଙ୍କୁ ପଠାଯାଇଛି।

ଆଜି ପର୍ଯ୍ୟନ୍ତ ସୃଷ୍ଟ ବନ୍ୟା ପରିସ୍ଥିତି ଯୋଗୁଁ ୪୯ଟି ବ୍ଲକ୍ ପ୍ରଭାବିତ ହୋଇଥିବାବେଳେ ୩୩୧ଟି ଗ୍ରାମପଂଚାୟତର ୯୪୭ଟି ଗ୍ରାମ ଓ ୫ଟି ସହରାଞ୍ଚଳ ପ୍ରଭାବିତ ହୋଇଥିବା ଶ୍ରୀମତୀ ଗର୍ଗ କହିଛନ୍ତି। ଏଥିରେ ୫

ଲକ୍ଷ ୧୫ ହଜାର ଲୋକ ପ୍ରଭାବିତ ହୋଇଥିବାବେଳେ ୨ ଲକ୍ଷ ୩୭ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି ବୋଲି ଶ୍ରୀମତୀ ଗର୍ଗ କହିଛନ୍ତି.....

**- V/O - (ଅନୁ ଗର୍ଗ)**

## ବନ୍ୟା-୨

ଲଗାଣ ବର୍ଷା ଏବଂ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବାରୁ ସହରାଞ୍ଚଳ କର୍ତ୍ତୃପକ୍ଷଙ୍କୁ ସତର୍କ ରହିବା ଲାଗି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀ ନିର୍ଦ୍ଦେଶ ଦେଇଛନ୍ତି । ପରିସ୍ଥିତିର ମୁକାବିଲା ପାଇଁ ତ୍ୱରିତ, ସମନ୍ୱିତ ଏବଂ ଜନକୈନ୍ଦ୍ରିକ ପଦକ୍ଷେପ ସୁନିଶ୍ଚିତ କରିବା ପାଇଁ ସେ କହିଛନ୍ତି । ସହରାଞ୍ଚଳଗୁଡ଼ିକରେ ରାପିଡ୍ ରେସପନ୍ସ ଟିମ୍‌କୁ ସତର୍କ ରହିବା ଏବଂ ସମସ୍ତ ଯନ୍ତ୍ରପାତି ପ୍ରସ୍ତୁତ ରଖିବା ଲାଗି ଶ୍ରୀମତୀ ପାଢୀ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

ଆମ **ଭଦ୍ରକ** ସମ୍ବାଦଦାତା ଜଣାଇଛନ୍ତି, ଜିଲ୍ଲାର ସାଳନ୍ଦୀ ଏବଂ ବୈତରଣୀ ନଦୀ ଆଖୁଆପଦାଠାରେ ବିପଦସଂକେତ ଉପରେ ପ୍ରବାହିତ ହେଉଛି । ଭଣ୍ଡାରିପୋଖରି, ଧାମନଗର, ଭଦ୍ରକ, ବାସୁଦେବପୁର, ତିହିଡି ଏବଂ ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ବିଭିନ୍ନ ପଂଚାୟତର ହଜାର ହଜାର ଏକର ଚାଷଜମି ଜଳମଗ୍ନ ହୋଇଛି । ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲ୍ଲାର ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ

କରାଯାଇଛି । କର୍ମଚାରୀମାନଙ୍କୁ ମୁଖ୍ୟାଳୟରେ ଉପସ୍ଥିତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

## ବାଜପେୟୀ-ଶ୍ରଦ୍ଧାଞ୍ଜଳି

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଆଜି ତିରୋଧାନ ଦିବସ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି ।

**ରାଜ୍ୟପାଳ** ଡକ୍ଟର ହରିବାବୁ କମ୍ଭମପାଟି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଜଣେ ଦୂରଦର୍ଶୀ ରାଷ୍ଟ୍ରନେତା ଓ ଅସାଧାରଣ ନେତୃତ୍ୱର ଅଧିକାରୀ ଥିଲେ ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଶ୍ରୀ ବାଜପେୟୀ ଦେଶର ବିକାଶ, ସୁଶାସନ ଏବଂ ଜାତୀୟ ଗୌରବକୁ ନୂତନ ଦିଗ ପ୍ରଦାନ କରିଥିଲେ ।

**ଉପମୁଖ୍ୟମନ୍ତ୍ରୀ** କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡା, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ସ୍ୱର୍ଗତଃ ବାଜପେୟୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ଭୁବନେଶ୍ୱର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ-ଏମ୍ସ ପରିସରରେ ରାଜ୍ୟସଭା ସାଂସଦ ତଥା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ

ଅର୍ପଣ କରିଛନ୍ତି । ଏହି ଅବସରରେ ଶ୍ରୀ ସାମଲ ଦେଶ ପ୍ରତି ବାଜପେୟୀଙ୍କ ଅବଦାନକୁ ସ୍ମରଣ କରିଛନ୍ତି ।

## ୱାଇ.ବି.ଖୁରାନିୟା

ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ **ଯୋଗେଶ ବାହାଦୂର ଖୁରାନିୟା** ଆଜି ଅବସର ଗ୍ରହଣ କରୁଛନ୍ତି । ଏହି ଅବସରରେ ବିଦାୟୀ ଅଭିଭାଷଣରେ ଶ୍ରୀ ଖୁରାନିୟା ଓଡ଼ିଶା ପୁଲିସ୍‌ର ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସେ କହିଛନ୍ତି, ଓଡ଼ିଶାରେ ନକ୍ସଲ ଅଭିଯାନ ସଫଳ ହୋଇଛି ଏବଂ ଓଡ଼ିଶା ପ୍ରାୟ ନକ୍ସଲ ମୁକ୍ତ ହୋଇଛି । ସେ କହିଛନ୍ତି, ନିଶାମୁକ୍ତ ଅଭିଯାନରେ ମଧ୍ୟ ସଫଳତା ମିଳିପାରିଛି । ପ୍ରାୟ ୪ ହଜାର କୋଟିରୁ ଅଧିକ ଟଙ୍କାର ନିଶା ଦ୍ରବ୍ୟ ଜବତ ହୋଇଥିବା ଶ୍ରୀ ଖୁରାନିୟା ସୂଚନା ଦେଇଛନ୍ତି ।

ଭୁବନେଶ୍ୱରସ୍ଥିତ ପୁଲିସ୍ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଖୁରାନିୟା କହିଛନ୍ତି, ରାଜ୍ୟରେ ନକ୍ସଲ ବିରୋଧୀ ଅଭିଯାନକୁ ପ୍ରଭାବଶାଳୀ କରିବା ପାଇଁ ପୂର୍ବତନ ସେନା କର୍ମଚାରୀଙ୍କୁ ନେଇ ୩ଟି ଅତିରିକ୍ତ ଓଏସ୍ଏସ୍ଏଫ୍ ବାଟାଲିୟନ ଗଠନ କରାଯାଇଛି ଏବଂ ଏଥିପାଇଁ ୩ ହଜାର ୯ଟି ପଦବୀ ଅନୁମୋଦନ କରାଯାଇଛି ।

୧୯୯୦ ବ୍ୟାଚ୍‌ର ଭାରତୀୟ ପୁଲିସ୍ ସେବା ଅଧିକାରୀ ଭାବେ ୱାଇ.ବି. ଖୁରାନିୟା ଆରକ୍ଷୀ ଅଧିକ୍ଷକ ଭାବେ ନୟାଗଡ଼, ଯାଜପୁର, ଗଞ୍ଜାମ, ମୟୂରଭଞ୍ଜ ଓ ରାଉରକେଲାରେ ସଫଳତାର ସହ କାର୍ଯ୍ୟ

କରିଥିଲେ।  ତାଙ୍କ ଚାକିରି କାଳ ମଧ୍ୟରେ ସେ ରାଷ୍ଟ୍ରପତି ପଦକ ଏବଂ ରାଜ୍ୟପାଳ ପଦକ ସମେତ ବିଭିନ୍ନ ସମ୍ମାନରେ ସମ୍ମାନିତ ହୋଇଥିଲେ।

ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିୟାଙ୍କ କାର୍ଯ୍ୟକାଳ ସମାପ୍ତି ନେଇ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଧନ୍ୟବାଦ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଖୁରାନିୟାଙ୍କ ସମର୍ପିତ ସେବା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟରେ ଆଇନ୍‌ଶୃଙ୍ଖଳା ଓ ସଦ୍‌ଭାବନା ବଜାୟ ରଖିବାରେ ତାଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସ୍ମରଣ କରି ଓଡ଼ିଶା ପୁଲିସ୍‌କୁ ଅଧିକ ଦକ୍ଷ, ସଶକ୍ତ ଓ ଜନକୈନ୍ଦ୍ରିକ କରିବାରେ ଶ୍ରୀ ଖୁରାନିୟା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ବିନୟତୋଷ ମିଶ୍ର

ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିୟା ଆଜି ଅବସର ଗ୍ରହଣ କରୁଥିବାରୁ ସିଆଇଡି କ୍ରାଇମ୍‌ବ୍ରାଞ୍ଚ ମହାନିର୍ଦ୍ଦେଶକ ଦାୟିତ୍ୱରେ ଥିବା ବିନୟତୋଷ ମିଶ୍ରଙ୍କୁ ଅସ୍ଥାୟୀ ଭାବେ ପୁଲିସ୍ ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଛି। ରାଜ୍ୟ ସରକାରଙ୍କ ପୁଲିସ୍ ମହାନିର୍ଦ୍ଦେଶକ ଚୟନ ମାମଲା ସର୍ବୋଚ୍ଚ ନ୍ୟାୟାଳୟଙ୍କ ବିଚାରାଧୀନ ଥିବାରୁ ଶ୍ରୀ ମିଶ୍ରଙ୍କୁ ଏହି ଦାୟିତ୍ୱ ଦିଆଯାଇଛି।

## ମଧୁବାବୁ ପେନସନ୍

ମଧୁବାବୁ ପେନସନ୍ ଯୋଜନା ଅଧୀନରେ ଆସନ୍ତା ସୋମବାର ସୁଦ୍ଧା ସମସ୍ତ ଆବେଦନଗୁଡ଼ିକର ଯାଞ୍ଚ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଅନୁଯାୟୀ, ମଧୁବାବୁ ପେନ୍‌ସନ୍ ଯୋଜନା ଅଧୀନରେ ୬୩ ହଜାର ୮୪୮ଟି ଅନ୍‌ଲାଇନ୍ ଆବେଦନର ଯାଞ୍ଚ ହୋଇ ନଥିବା ଜଣାପଡିଛି। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆବେଦନପତ୍ରଗୁଡ଼ିକର ଯାଞ୍ଚ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ରାଜ୍ୟରେ ଏବେ ୩୬ ଲକ୍ଷ ୭୫ ହଜାର ୮ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜନାରେ ସହାୟତା ପ୍ରଦାନ କରାଯାଉଛି।

## ମୁଖ୍ୟମନ୍ତ୍ରୀ ଜନଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତାକାଲି ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ପରବର୍ତ୍ତୀ ଅଭିଯୋଗ ଶୁଣାଣି ସମ୍ପର୍କରେ ଗଣମାଧ୍ୟମ ଜରିଆରେ ଜନସାଧାରଣଙ୍କୁ ଅବଗତ କରାଯିବ ବୋଲି ସାଧାରଣ ଅଭିଯୋଗ ଓ ପ୍ରଶାସନ ବିଭାଗ ପକ୍ଷରୁ କୁହାଯାଇଛି।

## ମେଧାବୃତ୍ତି

୨୦୨୬-୨୭ ବର୍ଷ ନିମନ୍ତେ ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷା ଆସନ୍ତା ଡିସେମ୍ବର ମାସ ୬ ତାରିଖରେ ଅନୁଷ୍ଠିତ ହେବ। ରାଜ୍ୟ ଶିକ୍ଷକ ଶିକ୍ଷା ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ ଏଥିପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି। ଚଳିତ ଶିକ୍ଷାବର୍ଷରେ ଅଷ୍ଟମ ଶ୍ରେଣୀରେ

ପଢୁଥିବା ଯୋଗ୍ୟ ଛାତ୍ରଛାତ୍ରୀମାନେ ଏହି ବୃତ୍ତି ପରୀକ୍ଷା ଲାଗି ଆସନ୍ତାକାଲିଠାରୁ ସେପ୍ଟେମ୍ବର ମାସ ୧୭ ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍ ଜରିଆରେ ଆବେଦନ କରିପାରିବେ। ଏଥିପାଇଁ ୨ଟି ପୋର୍ଟାଲ ଖୋଲାଯାଇଛି। ଛାତ୍ରଛାତ୍ରୀମାନେ **nmms.odisha.gov.in** ଏବଂ **scert.odisha.gov.nic.in** ୱେବସାଇଟ୍‌ରେ ଆବେଦନ କରିପାରିବେ।

## ଧରତୀଆବା

କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଏବଂ ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ମିଳିତ ଉଦ୍ୟମରେ **ରାୟଗଡ଼ା** ଜିଲ୍ଲାରେ ୩ ଦିନିଆ ଜନଶୁଣାଣି ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କର୍ମଯୋଗୀ ଅଭିଯାନ ଅନ୍ତର୍ଗତ ଧରତୀଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଅଧୀନରେ ୪୨୦ଟି ଗ୍ରାମ ଏବଂ ପିଏମ୍ ଜନମନ ଅଧୀନରେ ୧୦୫ଟି ଗ୍ରାମରେ ଏହି ଜନଶୁଣାଣି ଓ ସଚେତନତା କାର୍ଯ୍ୟକ୍ରମରେ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ସଂପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା।

## କୁଷ୍ଠ ନିରୂପଣ କର୍ମଶାଳା

**ଢେଙ୍କାନାଳ** ଜିଲ୍ଲାରେ କୁଷ୍ଠରୋଗ ନିରୂପଣ ଅଭିଯାନ ଆସନ୍ତାକାଲିଠାରୁ ଆରମ୍ଭ ହେବ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଚଳିତମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନରେ କୁଷ୍ଠ ରୋଗ ଚିହ୍ନଟ, ଚିକିତ୍ସା ଓ ସଂକ୍ରମଣ ପ୍ରତିରୋଧ ଲାଗି ପଦକ୍ଷେପ ଗ୍ରହଣ କରାଯିବ। କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ସମସ୍ତ

ଚିକିତ୍ସା ଅଧିକାରୀ, ବ୍ଲକ କୁଷ୍ଠ କର୍ମୀ ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନେଇ ୨ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଥିବା ଜଣାପଡିଛି।

## ପାଣିପାଗ

ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ପ୍ରଭାବରେ ରାଜ୍ୟର ବିଭିନ୍ନ ଅଂଚଳରେ ବର୍ଷା ଲାଗି ରହିଛି। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କତା ଜାରି କରାଯାଇଛି। ପାଣିପାଗ ବିଭାଗର ସଦ୍ୟତମ ସୂଚନା ଅନୁଯାୟୀ, ୪ଟି ଜିଲ୍ଲାକୁ ଆସନ୍ତାକାଲି ପର୍ଯ୍ୟନ୍ତ ସତର୍କତା ଜାରି କରାଯାଇଛି। କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ କହିଛି। ଏହି ସମୟ ମଧ୍ୟରେ ଘଣ୍ଟାପ୍ରତି ୪୦ ରୁ ୫୦ କିଲୋମିଟର ପର୍ଯ୍ୟନ୍ତ ପବନ ବହିବାର ସମ୍ଭାବନା ରହିଛି।

ଲଗାଣ ବର୍ଷା ଫଳରେ ବୈତରଣୀ, ବ୍ରାହ୍ମଣୀ, ସାଳନ୍ଦୀ, ଜଳକା ଏବଂ ବୁଢାବଳଙ୍ଗ ନଦୀର ଜଳସ୍ତର ବୃଦ୍ଧି ପାଇବା ସହ ତଳିଆ ଅଚଂଳ ଜଳମଗ୍ନ ହୋଇଛି। ୬ଟି ଜିଲ୍ଲା ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର ଏବଂ କେନ୍ଦ୍ରାପଡା ଜିଲ୍ଲାରେ ବନ୍ୟା ପରିସ୍ଥିତି ଗମ୍ଭୀର ରହିଛି।

ସୂଚନା ଅନୁଯାୟୀ, ଏହି ବନ୍ୟାରେ ୨ ଲକ୍ଷ ୭୦ ହଜାର ଲୋକ ପ୍ରଭାବିତ ହୋଇଥିବାବେଳେ ୯୫ହଜାର ଲୋକଙ୍କୁ ରିଲିଫ କ୍ୟାମ୍ପକୁ ସ୍ଥାନାନ୍ତର କରାଯାଇଛି।